ସମାଜ
The Samaja

13th Feb, 2020

# ଭୁବନେଶ୍ୱର ଆଇଆଇଟି ପ୍ରତିଷ୍ଠା ଦିବସ



ଜଟଣୀ,୧୨।୨: ଭୁବନେଶ୍ୱର ଆଇଆଇଟିର ୧୨ତମ ପ୍ରତିଷ୍ଠା ବୁଧବାର ପାଳିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଆଇଟି ଚକ୍ରନାଭି ଏବଂ ଏହା ପାଖରେ ନାଇଜର, ଆଇଓପି, ଏମ୍ସ, ଆଇଏମଟି ଭଳି ଜାତୀୟ ଓ ଆନ୍ତର୍ଜାତିକ ଅନୁଷ୍ଠାନ ରହିଥିବାରୁ ଏହାର ପ୍ରଭାବ ରହିଛି। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଆଇଟି ସହାୟକ ହେବ। ଓଡ଼ିଶାରେ ପ୍ରାକୃତିକ ଖଣିଜ ସମ୍ପଦ ରହିଥିବା ବେଳେ ଆଇଆଇଟି ସାଧାରଣ ଲୋକଙ୍କ ଆଶା ପୂରଣ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭୁବନେଶ୍ୱର ଆଇଆଇଟି ଅନନ୍ୟ ବୋଲି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜାକୁମାର କହିଥିଲେ। ରାଜ୍ୟ ଦକ୍ଷତା ବିକାଶ ସଂସ୍ଥାର ଚେୟାରମ୍ୟାନ ଡ଼.ସୁବ୍ରତ ବାଗଚି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଫେସର ଭି.ଆର.ପିଡ଼ିରେଡ଼ି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଆଇଟିର ଅଧ୍ୟାପକ, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ଼ିନ୍ ଡ଼.ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଆଇଆଇଟି ପରିସରରେ ଆୟୋଜିତ ବିଜ୍ଞାନ ଓ ବୈଷୟିକ ଶିକ୍ଷା ଓ ଗବେଷଣା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆଇଆଇଟି କୁଳ ସଚିବ ସୁବୋଧ କୁମାର, ଯୁଗ୍ମ କୁଳ ସଚିବ ଦେବରାଜ ରଥ, ପ୍ରଫେସର ଡ଼. ସୁଜିତ ରାୟ, ପ୍ରଫେସର ଡ଼.ଆର.କେ.ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।